# ସମସ୍ୟା ସମାଧାନ ନ କଲେ କାର୍ଯ୍ୟାନୁଷ୍ଠାନ

ଛତ୍ରପୁର,୨୮।୧୨(ଡି.ଏନ.ଏ.)

ଓଡିଶା ସରକାରଙ୍କ ୫-ଟି ଓ ମୋ ସରକାର କାର୍ଯ୍ୟକ୍ରମ କିଭଳି ସଫଳତାର ସହ କାର୍ଯ୍ୟକାରୀ ହୋଇପାରିବ ସେ ଉପରେ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଇଛି। ବିଶେଷକକରି ୨୦୨୦ରେ ଏହା କିପରି ସଫଳତାର ସହ ରୂପାୟନ ହେବ ଏହି ପରିପ୍ରେକ୍ଷୀରେ ଶନିବାର ଗଞ୍ଜାମ ଜିଲାପାଳ ଏକ ବୈଠକ ଡାକିଥିଲେ। ଛତ୍ରପୁରସ୍ଥିତ ଋଷିକୁଲ୍ୟା ସମ୍ମିଳନୀ ଗୃହରେ ଅନୁଷ୍ଠିତ ବୈଠକରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧ୍ୟକ୍ଷତା କରିଥିବା ବେଳେ ବିଡିଓ, ତହସିଲଦାରଙ୍କଠାରୁ ଆରମ୍ଭ କରି ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବାୟୋମେଟ୍ରିକ୍ ଉପସ୍ଥାନ ସବୁ କାର୍ଯ୍ୟାଳୟରେ ବାଧ୍ୟତାମୂଳକ। ଏଥିସହ ସମସ୍ତ ଅଧିକାରୀ, ବିଡିଓ ଓ ତହସିଲଦାର ସେମାନଙ୍କ ଟୁର୍ ଡାଏରୀ ପ୍ରଶାସନକୁ ଦେବାକୁ ପଡିବ। ବିଭିନ୍ନ ସରକାରୀ ଅଫିସ ବିଶେଷକରି ତହସିଲ କାର୍ଯ୍ୟାଳୟରେ କିରାଣିମାନଙ୍କ ପାଖରେ ବିଭିନ୍ନ ଫାଇଲ୍ ଅଟକି ରହୁଛି। କିଭଳି ଏସବୁ ଅଟକିବନି ଏବଂ ଲୋକଙ୍କ ଅଭିଯୋଗ ଓ ସମସ୍ୟା ଶୁଣି ଏହାର ସମାଧାନ କରିବାକୁ ପଡିବ। ଏଥିରେ ଖିଲାପ କଲେ ଦରମା ବନ୍ଦ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଜିଲାପାଳ ସତର୍କ କରାଇ ଦେଇଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ଓ ଶିଶୁ ବିକାଶ, କୃଷି ବିଭାଗରେ ଚାଲିଥିବା ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନାରୁ କିଭଳି ଜନସାଧାରଣ ଫାଇଦା ପାଇପାରିବେ ସେ ଉପରେ ଜିଲାପାଳ ଗୁରୁତ୍ୱାରୋପ କରିଥିଲେ। କାଳିଆ ଯୋଜନାରେ ବେଶି ଅଭିଯୋଗ ଆସୁଛି। ଏପରିକି ଲୋକେ ଏ ସମ୍ପର୍କରେ କାହା ପାଖରେ ଅଭିଯୋଗ କଲେ ଏହା ଦୂର ହେବ ଜାଣିପାରୁନାହାନ୍ତି। ଜିଲାସ୍ତରକୁ ବେଶି ଅଭିଯୋଗ ଆସୁଛି। ରାଶନ କାର୍ଡ ପରେ ଏବେ କାଳିଆ ଯୋଜନାରେ ଅଧିକ ଅଭିଯୋଗ ଆସିବାରେ ଲାଗିଛି। କୃଷି ବିଭାଗ ହିଁ ଏହାର ସମାଧାନ କରିପାରିବ। ଏଣୁ ପ୍ରତି କୃଷି କାର୍ଯ୍ୟାଳୟରେ ଏ ସମ୍ପର୍କରେ ଅଭିଯୋଗ ଶୁଣାଣି ପାଇଁ ବ୍ୟବସ୍ଥା କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ବିଡିଓମାନେ କ୍ଷେତ୍ର ପରିଦର୍ଶନରେ ଯାଉନାହାନ୍ତି ବୋଲି ଜିଲାପାଳ କହିଥିଲେ। ପ୍ରତି ବ୍ଲକରେ ୨୦ ଗଭୀର ନଳକୂପ ଓ ପ୍ରତି ପଞ୍ଚାୟତରେ ନର୍ସରି କରିବାକୁ କୁହାଯାଇଛି। ବିଡିଓ ଏବଂ ତହସିଲଦାରମାନେ ନିଜସ୍ତରରେ ଲୋକଙ୍କ ସମସ୍ୟା ଓ ଅଭିଯୋଗ ଶୁଣି ସମାଧାନ କରନ୍ତୁ। ଯେପରି ଉପରସ୍ତରକୁ ଅଭିଯୋଗ ଓ ସମସ୍ୟା ଲୋକ ନ ଆଣନ୍ତୁ ବୋଲି ଜିଲାପାଳ କହିଥିଲେ। ଏପରିକି ଲୋକଙ୍କ ସମସ୍ୟା ଓ ଅଭିଯୋଗ ଉପରେ କ'ଣ ପଦକ୍ଷେପ ନିଆଯାଇଛି। ସେ ସମ୍ପର୍କରେ ଜନସାଧାରଣଙ୍କୁ ପରେ ଜଣାଇବା ବାଧ୍ୟତାମୂଳକ। ଜାନୁୟାରୀରେ ହିଞ୍ଜିଳିରେ ଜିଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରି ୧୦ହଜାର ଲୋକଙ୍କୁ ପଟ୍ଟା ଓ ୧୦ ହଜାର ନିର୍ମାଣ ଶ୍ରମିକଙ୍କୁ ଶ୍ରମିକ କାର୍ଡ ବଣ୍ଟନ କରାଯିବ। ରାତିରେ ବାଲି, ପଥର ସଇରାତଗୁଡିକୁ ତହସିଲଦାରମାନେ ପରିଦର୍ଶନ କରି ମନିଟରିଂ କରିବାକୁ କୁହାଯାଇଛି। ଗଞ୍ଜାମ ଜିଲା କିଭଳି ରାଜ୍ୟରେ ଏକ ନମ୍ବର ହୋଇପାରିବ ସେ ଉପରେ ଗୁରୁତ୍ୱାରୋପ କରାଯାଇଛି। ବ୍ଲକ ଓ ଏନ୍ଏସିସ୍ତରରେ ପାନୀୟ ଜଳ ବ୍ୟବସ୍ଥାର ସମୀକ୍ଷା କରାଯାଇ ସମସ୍ୟା ଥିଲେ ଏହା ଦୂର କରିବାକୁ ପଦକ୍ଷେପ ନେବାକୁ ପଡିବ। ସବୁ କାର୍ଯ୍ୟକ୍ରମ ଓ କାମ ନିର୍ଦ୍ଧାରିତ ସମୟରେ ଓ ମାନର କରିବାକୁ କୁହାଯାଇଛି। କୌଣସି ଅଘଟଣ ଘଟିଲେ ପ୍ରଥମେ ମିଡିଆ ଜାଣିପାରୁଛି। ଅପରପକ୍ଷରେ ଜିଲା ପ୍ରଶାସନକୁ ଆପଣମାନେ ଜଣାଉ ନାହାନ୍ତି ବୋଲି ଜିଲାପାଳ କହିଥିଲେ। ଭଲ କାମ କଲେ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ମାନିତ କରାଯିବ। ସମସ୍ତ ଶିଶୁ ଆଶ୍ରୟସ୍ଥଳୀକୁ ପରିଦର୍ଶନରେ ଯାଇ ଅଧିକାରୀମାନେ ଅନୁଧ୍ୟାନ କରିବେ। ତାରା ଯୋଜନାରେ ୫ ହଜାର ଚାଷୀଙ୍କୁ ଚିହ୍ନଟ କରାଯାଇଛି। ମହିଳା ସଂଘକୁ ଚାଷୀମାନଙ୍କଠାରୁ ଧାନ କିଣିବା ଦାୟିତ୍ୱ ଦିଆଯାଇଛି। ଏହା କିଭଳି ସୁରୁଖୁରୁରେ ସମ୍ପାଦନ ହେବ ସେ ଉପରେ ଧ୍ୟାନ ଦେବାକୁ କୁହାଯାଇଛି। ବୈଠକରେ ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଡ୍ରଡା ପିଡି ସୁଦାମ ଚରଣ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଜିଲାପାଳ ଓ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**୫-ଟି କାର୍ଯ୍ୟକ୍ରମ**
- ବାୟୋମେଟ୍ରିକ୍ ଉପସ୍ଥାନ ବାଧ୍ୟତାମୂଳକ
- କାଳିଆ ଅଭିଯୋଗ ସେଲ୍ ଖୋଲିବ
- ରାତିରେ ବୁଲିବେ ତହସିଲଦାର

## ସଂକ୍ଷେପରେ

### ଶୀତକାଳୀନ ସ୍ୱତନ୍ତ୍ର ଶିବିର ଉଦ୍ୟାପିତ

ବୁଗୁଡ଼ା,୨୮।୧୨(ଡି.ଏନ.ଏ.): ବୁଗୁଡ଼ା ପିପୁଲସ୍ କଲେଜ ଜାତୀୟ ସେବା ଯୋଜନା ୟୁନିଟ-୨ ତରଫରୁ ଗତ ୨୨ ତାରିଖରୁ ଆରମ୍ଭ ହୋଇଥିବା ୭ ଦିନିଆ ଶୀତକାଳୀନ ସ୍ୱତନ୍ତ୍ର ସେବା ଶିବିର ଶନିବାର ଉଦ୍ଯାପିତ ହୋଇଯାଇଛି। ଦଦରାଖୋଲରେ ଅନୁଷ୍ଠିତ ଜାତୀୟ ସେବା ଶିବିର ଉଦ୍ଯାପନୀ ଉତ୍ସବରେ ପିପୁଲସ କଲେଜ ଅଧ୍ୟକ୍ଷ ରଜନୀକାନ୍ତ ଦାଶ ସଭାପତିତ୍ୱ କରିଥିଲେ। ଶିବିରରେ ଅତିଥି ଭାବେ ଅଧ୍ୟାପକ ଅକ୍ଷୟ କୁମାର ସାହୁ, ଅଜୟ କୁମାର ସାହୁ, ବିନୋଦ କୁମାର କର ପ୍ରମୁଖ ଯୋଗଦେଇ ଛାତ୍ରମାନେ ସବୁକ୍ଷେତ୍ରରେ ସେବା ମନୋବୃତ୍ତିକୁ ଆଦରି ନେବା ପାଇଁ ପରାମର୍ଶ ଦେଇଥିଲେ। ପ୍ରୋଗ୍ରାମ ଅଧିକାରୀ ଅଧ୍ୟାପକ ରବୀନ୍ଦ୍ର ପଲାଇ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବିଭିନ୍ନ ଦିନରେ ଶିବିରରେ ସୁଶାନ୍ତ କୁମାର ସାହୁ, ସୁନ୍ଦର ବଦନ ସାହୁ, ଡ଼. ପ୍ରସନ୍ନ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ଶିବିରାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ରବୀନ୍ଦ୍ର ନାଥ ପଲାଇ ଧନ୍ୟବାଦ ଦେଇଥିଲେ। ଏଥିରେ ୟୁନିଟ-୨ର ସମସ୍ତ ସ୍ୱେଚ୍ଛାସେବୀ ଯୋଗଦେଇ ବିଭିନ୍ନ ସେବାମୂଳକ କାର୍ଯ୍ୟ ସମ୍ପାଦନ କରିଥିଲେ।

### ଆମ ପୋଲିସ ସମିତି ବୈଠକ

ଗଞ୍ଜାମ,୨୮।୧୨(ଡି.ଏନ.ଏ.): ଗଞ୍ଜାମ ଥାନା ପକ୍ଷରୁ ପୁରୁଣାବନ୍ଧ ଗ୍ରାମରେ ଆମ ପୋଲିସ ସମିତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଥାନାଧିକାରୀ ଦିଲୀପ କୁମାର ସାହୁ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ପାଲିବନ୍ଧ ସରପଞ୍ଚ ଦିଲୀପ କୁମାର ଛୋଟରାୟ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ହେଲମେଟ ବ୍ୟବହାର, ବାହାରେ ମଳତ୍ୟାଗ ରୋକିବା, ଗୁଣିଗାରେଡି ଆଦି ଉପରେ ଆଲୋଚନା ହୋଇଥିଲା। ଏହି ସଚେତନତା କାର୍ଯ୍ୟକ୍ରମରେ ବହୁ ମହିଳା ପୁରୁଷଙ୍କ ସମେତ ଗ୍ରାମବାସୀ ଉପସ୍ଥିତ ଥିଲେ। ଥାନା ଏସ୍ଆଇ ନାରାୟଣ କହ୍ନର ଓ ଅନ୍ୟମାନେ ପରିଚାଳନା କରିଥିଲେ।

### ଓଡ଼ିଶା ସାମ୍ବାଦିକ ସଂଘ ସଭାପତିଙ୍କ ବିୟୋଗରେ ଶୋକସଭା

କ.ନୂଆଗାଁ,୨୮।୧୨(ଡି.ଏନ୍.ଏ.): ଓଡ଼ିଶା ସାମ୍ବାଦିକ ସଂଘର ସଭାପତି ତଥା ପ୍ରେସ୍ କାଉନ୍ସିଲ ଅଫ୍ ଇଣ୍ଡିଆର ସଦସ୍ୟ ପ୍ରଭାତ ଦାଶ (୬୨)ଙ୍କ ଗୁରୁବାର ବିୟୋଗ ଘଟିଥିଲା। ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ଶୁକ୍ରବାର ଅପରାହ୍ନରେ କ.ନୂଆଗାଁ ବ୍ଲକ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ସଭାରେ କ.ନୂଆଗାଁର ସମସ୍ତ ସାମ୍ବାଦିକ, ବୁଦ୍ଧିଜୀବୀ ଯୋଗ ଦେଇ ଦାଶଙ୍କ ଅମରଆତ୍ମାର ସଦ୍‌ଗତି ପାଇଁ କାମନା କରିଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଜଳିଗଲା ଟ୍ରାନ୍ସଫର୍ମର



ବ୍ରହ୍ମପୁର ଅଫିସ,୨୮।୧୨

ବଡବଜାର ଥାନା ଶଙ୍କରପୁର ନିକଟରେ ଥିବା ଗ୍ରାମଦେବତୀ ସାହିରେ ଶନିବାର ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଜଳିଯାଇଛି। ଟ୍ରାନ୍ସଫର୍ମରଟି ଜଳୁଥିବା ବେଳେ ତାହା ଫାଟି ଯାଇଥିଲା। ଫଳରେ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ଖବର ପାଇ ଉଭୟ ସାଉଥ୍‌କୋ ଅଧିକାରୀ ଓ ଅଗ୍ନିଶମ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ବିଦ୍ୟୁତ୍ ବିଭାଗ ତରଫରୁ ଟ୍ରାନ୍ସଫର୍ମରରେ ଲାଗିଥିବା ନିଆଁ ଯୋଗୁ ଅଞ୍ଚଳରେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରାଯାଇଥିଲା। ପରେ ମୁଖ୍ୟ ଆଗ୍ନିକ ସୁରେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଆଗ୍ନିକ ପ୍ରଦୀପ୍ତ କୁମାର ସ୍ୱାଇଁ, ରାଜାକାନ୍ତ ପାତ୍ର ଓ ବୁଲୁ ପାତ୍ର ନିଆଁକୁ ଆୟତ୍ତ କରିଥିଲେ। ଟ୍ରାନ୍ସଫର୍ମରରେ ସଂଲଗ୍ନ ହୋଇଥିବା କେତେକ ବିଦ୍ୟୁତ୍ ତାର ପୋଡି ଯାଇଥିଲା ବୋଲି ସହକାରୀ ଅଗ୍ନିଶମ ଅଧିକାରୀ ସନାତନ ମହାପାତ୍ର କହିଛନ୍ତି।

## ଜାତୀୟ ସେବା ଯୋଜନା ଶିବିର ଉଦ୍ଯାପିତ


କେଏସ୍ୟୁବି କଲେଜରେ ଅନୁଷ୍ଠିତ ଉତ୍ସବରେ ଅଧ୍ୟକ୍ଷ ଉଦ୍‌ବୋଧନ ଦେଉଛନ୍ତି।

ଭଞ୍ଜନଗର,୨୮।୧୨(ଡି.ଏନ୍.ଏ.)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଓ ବିଡ଼ିପୁରସ୍ଥିତ ତେନ୍ତୁଳିଆ ଶାସନ ଦେବସ୍ଥାନ ମହାବିଦ୍ୟାଳୟ ପକ୍ଷରୁ ଜାତୀୟ ସେବା ଯୋଜନା ମାଧ୍ୟମରେ ଚାଲିଥିବା ସପ୍ତାହ ବ୍ୟାପୀ ସ୍ୱତନ୍ତ୍ର ସେବା ଶିବିର ଶନିବାର ଉଦ୍ଯାପିତ ହୋଇଯାଇଛି। କେଏସ୍ୟୁବି କଲେଜ ପକ୍ଷରୁ କଲେଜ ପରିସରରେ ହିଁ ଶିବିର ହୋଇଥିଲା। ବିଭିନ୍ନ ଦିବସରେ ଛାତ୍ରମାନେ କଲେଜ ସଫେଇ କରିଥିଲେ। ଏଥିସହ ସେମାନଙ୍କୁ ସଚେତନତା କରାଯାଇଥିଲା। ଉଦ୍ଯାପନୀ ଦିବସରେ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନି ସଭାପତିତ୍ୱ କରିଥିଲେ। ଶାଖା ୧ ଯୋଜନା ଅଧିକାରୀ ଡ. ରବୀନ୍ଦ୍ର କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ପ୍ରଶାସନିକ ଅଧିକାରୀ ଡ. ସୁବାସ ଚନ୍ଦ୍ର ପ୍ରଧାନ, ଅଧ୍ୟାପକ ବିଭୂତି ପାଣିଗ୍ରାହୀ, ଆର. କେ. ଦାସ, ବିକ୍ରମ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶାଖା ୨ ଯୋଜନା ଅଧିକାରୀ ସନାତନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ସେହିଭଳି ବିଡ଼ିପୁର କଲେଜ ପକ୍ଷରୁ କଣ୍ଡରସିଂ ଗ୍ରାମରେ ଅନୁଷ୍ଠିତ ଶିବିରରେ ଅଧ୍ୟକ୍ଷ ପ୍ରଭାକର ଶତପଥୀ ସଭାପତିତ୍ୱ କରିଥିଲେ। ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଡ଼.ଅଶୋକ କୁମାର ଷଡ଼ଙ୍ଗୀ, ଅଧ୍ୟାପକ ବିପିନ ବିହାରୀ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଯୋଜନା ଅଧିକାରୀ ସୁଧୀର କୁମାର ପଟ୍ଟନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଛାତ୍ର ନାରାୟଣ ଓ ରାଜେଶ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବିଭିନ୍ନ ଦିବସରେ ସାଧନବ୍ୟକ୍ତି ଭାବେ ଅଧ୍ୟାପକ ସତ୍ୟଜିତ ବେହୁରୀ, ନଟବର ଜେନା, ମନୋଜ ଦାସ, ବସନ୍ତ କୁମାର ଶତପଥୀ, ଶିବରାମ ବେହେରା ଯୋଗ ଦେଇଥିଲେ।

## ଓଏଫ୍ଏସ୍‌ଡିପି ନିର୍ଦ୍ଦେଶକ ଭିଏସ୍ଏସ୍ ପରିଦର୍ଶନ କଲେ

ଭଞ୍ଜନଗର,୨୮।୧୨(ଡି.ଏନ୍.ଏ.)

ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଡ଼. ସୁଦର୍ଶନ ପଣ୍ଡା ଶୁକ୍ରବାର ଭଞ୍ଜନଗର ଗସ୍ତରେ ଆସି ଉତ୍ତର ଘୁମୁସର ବନଖଣ୍ଡର ବିଭିନ୍ନ ଭିଏସ୍ଏସ୍‌ରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ସମୀକ୍ଷା କରିଥିଲେ। ଏହି ସମୟରେ ପଣ୍ଡା ଭିଏସ୍ଏସ୍ ସହ ଜଡ଼ିତ ଲୋକଙ୍କ ଆର୍ଥୀକ ମାନଦଣ୍ଡରେ ଉନ୍ନତି ପାଇଁ ନିଆଯାଇଥିବା ପଦକ୍ଷେପର ସମୀକ୍ଷା କରିଥିଲେ। ଏଥିସହ ଲାଲସିଂ ନର୍ସରି ପରିଦର୍ଶନ କରିଥିଲେ। ଏହି ଅବସରରେ କେତେକ କୋଠାର ଉଦ୍‌ଘାଟନ କରିଥିଲେ। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ଥ, ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ଅଭୟ କୁମାର ଦଳେଇ, ଏସିଏଫ୍ ସୁଦର୍ଶନ ବାଦୀ ପ୍ରମୁଖ ଉପସ୍ଥିତ ଥିଲେ।

## ଆମ ପୋଲିସ ବୈଠକ
### ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ଶେରଗଡ଼,୨୮।୧୨(ଡି.ଏନ୍.ଏ.)

ଶେରଗଡ଼ ବ୍ଲକ ବାଡ଼ଗଡ଼ ଗ୍ରାମରେ ଧରାକୋଟ ପୋଲିସ ପକ୍ଷରୁ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ବୈଠକରେ ଧରାକୋଟ ଥାନା ଅଧିକାରୀ ସହଦେବ ମହାପାତ୍ରଙ୍କ ସଂଯୋଜନାରେ ଗ୍ରାମରେ ଶାନ୍ତି ପ୍ରତିଷ୍ଠାନେଇ ଲୋକମାନଙ୍କ ସହଯୋଗ ଲୋଡିଥିଲେ। ସମ୍ମାନିତ ଅତିଥି ଭାବେ ଶେରଗଡ଼ ଥାନାଅଧିକାରୀ ରମେଶ ଚନ୍ଦ୍ର ଦାସ ଓ ବଡ଼ଗଡ଼ ଥାନା ଅଧିକାରୀ ପ୍ରତାପ ଚନ୍ଦ୍ର ତ୍ରିପାଠୀ ଯୋଗଦେଇ ରାହାଯାନୀ ଓ ଅନ୍ୟାନ୍ୟ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନହେଲା ଭଳି ସମସ୍ୟା ପ୍ରତି ଗ୍ରାମବାସୀ ତୀକ୍ଷ୍ଣ ଦୃଷ୍ଟି ଦେବାକୁ କୁହାଯାଇଥିଲା। ବୈଠକରେ କୁଲାଗଡ ସରପଞ୍ଚଙ୍କ ସମେତ ଗ୍ରାମର ୱାର୍ଡ଼ସଭ୍ୟମାନେ ଉପସ୍ଥିତ ଥିଲେ। ଶେଷରେ ଗ୍ରାମର ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ଦିଆଯାଇଥିଲା। ଶେରଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ଚିକିତ୍ସକ ଦଳ ରହି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ।



ବୈଠକରେ ଯୋଗ ଦେଇଥିବା ଅଧିକାରୀ।

## ଗୁଣ୍ଠୁରାରେ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ

ପାତ୍ରପୁର,୨୮।୧୨(ଡି.ଏନ୍.ଏ.)

ପାତ୍ରପୁର ତହସିଲ ଗୁଣ୍ଠୁରା ପଞ୍ଚାୟତ ରାଜୀବ ଗାନ୍ଧି ସେବାକେନ୍ଦ୍ରଠାରେ ଶନିବାର ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ସୁପରଭାଇଜର ଭାସ୍କର ବେହେରା ଏହାକୁ ଉଦ୍‌ଘାଟନ କରିଥିବାବେଳେ ଇତିମୟ ବେହେରା ଯୋଗ ଦେଇଥିଲେ। ଗୁଣ୍ଠୁରା ଓ ଆମ୍ବପୁର ପଞ୍ଚାୟତର ଶତାଧିକ ଜନସାଧାରଣ ବିଭିନ୍ନ ପ୍ରମାଣପତ୍ର, ମ୍ୟୁଟେଶନ, ଗ୍ରାମକଣ୍ଟକ ପଟ୍ଟା, ଓଏଲ୍ଆର ୮ଏ ପାଇଁ ଆବେଦନ କରିଥିଲେ। ଇ-ପାଉତି ନେଇ ରାଜସ୍ୱ କର୍ମଚାରୀମାନେ ଜନସାଧାରଣଙ୍କୁ ସଚେତନ କରିଥିଲେ। କାର୍ଯ୍ୟକ୍ରମକୁ ରାଜସ୍ୱ ନିରୀକ୍ଷକ ସୌରୀ ନାୟକ ପରିଚାଳନା କରିଥିବାବେଳେ ଖାରିଆଗୁଡ଼ା ରାଜସ୍ୱ ନିରୀକ୍ଷକ କ୍ଷୀରସିନ୍ଧୁ ବେହେରା, ପି. ତାମେୟା ରେଡ୍ଡୀଙ୍କ ସହ ସମସ୍ତ କର୍ମଚାରୀ ଓ ସ୍ଥାନୀୟ ଜନସେବା କେନ୍ଦ୍ର କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ଜନସାଧାରଣଙ୍କ ଘରବାରି ଓ ଜମିଜମା ସମ୍ବନ୍ଧୀୟ ସମସ୍ୟାର ସାମାଧାନ ପାଇପାରିବେ ବୋଲି ମତ ପ୍ରକାଶ ପାଇଥିଲା।

## ଅର୍ଥନୈତିକ ଗଣନାରେ ନିର୍ଭୁଲ ତଥ୍ୟ ଦିଅ

ଫୁଲବାଣୀ ଅଫିସ, ୨୮।୧୨

କେନ୍ଦ୍ର ତଥା ରାଜ୍ୟ ସରକାର ଯୋଜନା ପ୍ରଣୟନ ନୀତି ନିର୍ଦ୍ଧାରଣ ପାଇଁ ବିଭିନ୍ନ ସମୟରେ ଭିନ୍ନ ପ୍ରକାରର ସେନ୍‌ସସ୍ ଓ ସର୍ଭେ ମାଧ୍ୟମରେ ତଥ୍ୟ ସଂଗ୍ରହ କରିଥାନ୍ତି। ଅର୍ଥନୈତିକ ଗଣନା ଏହି ଭଳି ଏକ କାର୍ଯ୍ୟକ୍ରମ। ଶିଳ୍ପ, ସେବା ଓ ବାଣିଜ୍ୟ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବିଭିନ୍ନ ପ୍ରକାର ସଂସ୍ଥା, ଅନୁଷ୍ଠାନ, ସେସବୁରେ କାର୍ଯ୍ୟ କରୁଥିବା ମାନବ ସମ୍ବଳ ଉପରେ ତଥ୍ୟ ସଂଗ୍ରହ କରିବା ଉଦ୍ଦେଶ୍ୟରେ ୧୯୭୧ରେ ପ୍ରଥମ ଅର୍ଥନୈତିକ ଗଣନା କାର୍ଯ୍ୟକ୍ରମ ହାତକୁ ନିଆ ଯାଇଥିଲା। ସପ୍ତମ ଅର୍ଥନୈତିକ ଗଣନା ଗତ ଅଗଷ୍ଟ ୨୬ରୁ ଆମ ରାଜ୍ୟର ସମସ୍ତ ଜିଲାରେ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ନିୟୋଜିତ ଗଣନାକାରୀ ଓ ପର୍ଯ୍ୟବେକ୍ଷକ ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳର ପ୍ରତ୍ୟେକ ଗୃହକୁ ଯାଇ କାର୍ଯ୍ୟ କରୁଥିବା ଅର୍ଥନୈତିକ କ୍ରିୟା କଳାପର ବିଶଦ ବିବରଣୀ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ମୋବାଇଲ ଆପ୍ ମାଧ୍ୟମରେ ସଂଗ୍ରହ କରିବେ। ଏହି ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକଙ୍କୁ ପରିଚୟ ପ୍ରଦାନ କରାଯାଇଛି। ତେଣୁ ଗଣନାକାରୀ ପଚାରୁଥିବା ସମସ୍ତ ତଥ୍ୟ ସଠିକ ଏବଂ ନିର୍ଭୁଲ ଭାବେ ପ୍ରଦାନ କରିବା ଆବଶ୍ୟକ। ବ୍ୟକ୍ତିବିଶେଷ, ଶିଳ୍ପ, ଆର୍ଥିକ ତଥା ବାଣିଜ୍ୟକ ଅନୁଷ୍ଠାନରୁ ସଂଗ୍ରହ କରାଯାଉଥିବା ତଥ୍ୟ ସମ୍ପୂର୍ଣ୍ଣ ଗୋପନ ରଖାଯାଇଥାଏ। ପରିସଂଖ୍ୟାନ ଭିତ୍ତିକ ବିଶ୍ଳେଷଣ କରାଯାଇ ଶିଳ୍ପ ସେବା, ବାଣିଜ୍ୟ ଇତ୍ୟାଦିର ସାମଗ୍ରିକ ଅଭିବୃଦ୍ଧି ଓ ବିକାଶ ନିମନ୍ତେ ସରକାରଙ୍କ ଦ୍ୱାରା ଯୋଜନା ପ୍ରଣୟନ କରାଯାଏ। ଏହି ତଥ୍ୟ ଅନ୍ୟାନ୍ୟ ବିଭାଗ ଏବଂ ନୀତି ଆୟୋଗ ମଧ୍ୟ ବ୍ୟବହାର କରନ୍ତି। ତେଣୁ ତଥ୍ୟ ନିର୍ଭୁଲ ପ୍ରଦାନ କରିବା ଆବଶ୍ୟକ ବୋଲି ଜିଲାପାଳ ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି।

## ବାଣିଜ୍ୟ ବିଭାଗର ପାଠଚକ୍ର

ଭଞ୍ଜନଗର,୨୮।୧୨(ଡି.ଏନ୍.ଏ.)

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ପାଠଚକ୍ର ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବାଣିଜ୍ୟ ବିଭାଗ ପକ୍ଷରୁ ଆୟୋଜିତ ଉତ୍ସବରେ କଲେଜ ଅଧ୍ୟକ୍ଷ ଡ. ନୀଳାଞ୍ଚଳ ମୁନି ସଭାପତିତ୍ୱ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ବିଭୂତି ଭୂଷଣ ପାଣିଗ୍ରାହୀ ବାଣିଜ୍ୟ ପାଠ୍ୟକ୍ରମ ପ୍ରତି ଛାତ୍ରୀଛାତ୍ରଙ୍କ ଆଗ୍ରହ ଓ ପାଠଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ବେଲଗୁଣ୍ଠା ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟାପକ ପବିତ୍ର ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ। ଛାତ୍ର ଅଶୋକ କୁମାର ସାହୁ ସନ୍ଦର୍ଭ ପାଠ କରିଥିଲେ। ତାଙ୍କୁ ବିଭାଗୀୟ ଅଧ୍ୟାପକ ସୁନୀଲ କୁମାର ଦାସ ସହଯୋଗ କରିଥିଲେ। ଅଧ୍ୟାପକ ଡ. ବିନୋଦ ଚନ୍ଦ୍ର ଦାସ, ହରିଶ ଭଟ୍ଟର ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ସେହିଭଳି ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ ଆୟୋଜନ ହୋଇଥିଲା। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ. ପୀତବାସ ପାଳ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



ବାଣିଜ୍ୟ ବିଭାଗର ସନ୍ଦର୍ଭଟିକୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।

## ଆର୍ଯ୍ୟପଲ୍ଲୀରେ ୨୫୦ କୋଟି ଟଙ୍କାରେ ମତ୍ସ୍ୟ ଜେଟି
# ଅଧିଗ୍ରହଣ ହୋଇଛି ୨୩ ଏକର ଜମି

ଛତ୍ରପୁର,୨୮।୧୨(ଡି.ଏନ.ଏ.)

ଗଞ୍ଜାମ ଜିଲା ଗୋପାଳପୁର ପୋର୍ଟ ନିକଟ ବଡ ଆର୍ଯ୍ୟପଲ୍ଲୀ-ସାନଆର୍ଯ୍ୟପଲ୍ଲୀ ମଧ୍ୟସ୍ଥଳରେ ମତ୍ସ୍ୟ ଜେଟି ନିର୍ମାଣ ପାଇଁ ପୂର୍ବରୁ ସରକାର ନିଷ୍ପତ୍ତି ନେଇସାରିଛନ୍ତ। ଅପରପକ୍ଷରେ ଏହା ନିର୍ମାଣ ହେବାରେ ବିଳମ୍ବ ହେଉଛି। ଗୋପାଳପୁର ପୋର୍ଟ ପରିସରରେ ଏକ ପୁରାତନ ମତ୍ସ୍ୟ ଜେଟି ରହିଛି। ଏହି ଜେଟି ଉପରେ ମତ୍ସ୍ୟଜୀବୀମାନେ ନିର୍ଭର କରିଆସୁଛନ୍ତି। ତେବେ ସବୁଦିନିଆ ପୋର୍ଟ ହେବା ପରେ ସୁରକ୍ଷା ଦୃଷ୍ଟିରୁ ପ୍ରସ୍ତାବିତ ଜେଟି ନିର୍ମାଣର ଆବଶ୍ୟକତା ପଡିଛି। ଏପରକି ପୁରାତନ ଜେଟି ପୋତି ହୋଇଗଲାଣି। ୩୦ ବର୍ଷ ପୂର୍ବେ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ସମୟରେ ଏହି ଜେଟି ନିର୍ମାଣ କରାଯାଇଥିଲା। ନୂତନ ଜେଟି ପାଇଁ ସରକାରଙ୍କ ପକ୍ଷରୁ ୨୩ ଏକର ଜମି ଅଧିଗ୍ରହଣ ହୋଇସାରିଛି। ଏଥିପାଇଁ ୨୫୦ କୋଟି ଟଙ୍କାର ଆକଳନ ହୋଇଛି। ଏପରିକି କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶରେ ବାଙ୍ଗାଲୋର ଓ ଚେନ୍ନାଇ ଆଇଆଇଟିର ୨ ଟିମ୍ ଆସି ଏଠାରେ ସର୍ଭେ କରିଥିଲେ। ଅପରପକ୍ଷରେ ଏହି ଜେଟି ନିର୍ମାଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଉଭୟ ସେମାନଙ୍କ ଅନୁଦାନ ଶେୟାର ଦେବେ। ଗଞ୍ଜାମ ଜିଲାର ପ୍ରୟାଗୀଠାରୁ ଆରମ୍ଭ କରି ପାତିସୋନପୁର ପର୍ଯ୍ୟନ୍ତ ଥିବା ୫୦ ହଜାର ମତ୍ସ୍ୟଜୀବୀ ପରିବାର ଏହା ଦ୍ୱାରା ଉପକୃତ ହେବେ ଏବଂ ସମୁଦ୍ର ଜେଟିରୁ ଡଙ୍ଗା ନେଇ ମାଛ ମାରିବାରେ ସୁବିଧା ହେବ। ଏନେଇ ମଧ୍ୟସ୍ଥଳ ଆର୍ଯ୍ୟପଲ୍ଲୀରେ ମତ୍ସ୍ୟ ଜେଟି ନିର୍ମାଣ କରିବାକୁ ସ୍ଥିର ହୋଇଥିଲା। ତେବେ ଏହା ନିର୍ମାଣରେ ବିଳମ୍ବ ହୋଇଛି। ଆହୁରି ଜଣାଯାଇଛ, ଅକ୍ଟୋବରରେ ମତ୍ସ୍ୟ ପଶୁସମ୍ପଦ ବିଭାଗ ପକ୍ଷରୁ ମନ୍ତ୍ରୀସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଭାଗୀୟ ମନ୍ତ୍ରୀ, ସଚିବ, ଛତ୍ରପୁର ବିଧାୟକ ଓ ମତ୍ସ୍ୟ ନିର୍ଦ୍ଦେଶକ ଉପସ୍ଥିତ ଥିଲେ। ଏହା ନିର୍ମାଣ ପାଇଁ ନିଜର ଶେୟାର ଦେବା ପାଇଁ କେନ୍ଦ୍ର ସରକାରଙ୍କୁ ଏ ସମ୍ପର୍କରେ ଏକ ମୁଖ୍ୟମନ୍ତ୍ରୀ ଚିଠି ଲେଖିଥିବା ଜଣାପଡିଛି। ଭଲ ମତ୍ସ୍ୟ ଜେଟି ନ ଥିବାରୁ ବାହାର ରାଜ୍ୟକୁ ଏଠାର ମତ୍ସ୍ୟଜୀବୀ କାମଧନ୍ଦାରେ ଯାଉଛନ୍ତି। ଗଞ୍ଜାମ ଜିଲା ସାମୁଦ୍ରିକ ମତ୍ସ୍ୟକର୍ମୀ ୟୁନିୟନ ସମ୍ପାଦକ ବି. ସୀମାଦ୍ରି କହନ୍ତି, ସରକାର ପୂର୍ବରୁ ଜେଟି ନିର୍ମାଣ ପାଇଁ ଘୋଷଣା କରିସାରିଛନ୍ତି। ଗତ ୧୦ ବର୍ଷ ହେଲା ସରକାରଙ୍କୁ ଏ ସମ୍ପର୍କରେ ଜଣାଉଥିଲୁ ଏବଂ ଏହି ଦାବି ସରକାର ଗ୍ରହଣ କରିଛନ୍ତି ବୋଲି ସୀମାଦ୍ରି କହିଛନ୍ତି।






## ସଂକ୍ଷେପରେ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

### କୋଟିପତି ଫରେଷ୍ଟର ଅଟକ

ବ୍ରହ୍ମପୁର ଅଫିସ,୨୮।୧୨: ବ୍ରହ୍ମପୁର ଭିଜିଲାନ୍ସ ବିଭାଗ କନ୍ଧମାଳ ଜିଲା ବାଲିଗୁଡା ବନଖଣ୍ଡ ବ୍ରାହ୍ମଣୀଗାଁ ଫରେଷ୍ଟର କୈଳାସ ଚନ୍ଦ୍ର ସାହୁଙ୍କୁ ଶନିବାର ଅଟକ ରଖିଛି। ଶୁକ୍ରବାର ତାଙ୍କ ବାସଭବନ ସମେତ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଭିଜିଲାନ୍ସ ଆକଳନ କରିଥିଲା। ସେହିପରି ଭିଜିଲାନ୍ସ ଶନିବାର ମଧ ତାଙ୍କ ସମ୍ପତ୍ତିର ଆକଳନ ଜାରି ରଖିଛି ବୋଲି ଏସ୍‌ପି ମାୟାଧର ସ୍ୱାଇଁ ସୂଚନା ଦେଇଛନ୍ତି। ଫରେଷ୍ଟର କୈଳାସଙ୍କ ଠାବ ହୋଇଥିବା ୧ କୋଟି ୧୪ ଲକ୍ଷ ୪୧୧ ଟଙ୍କା ସମ୍ପତ୍ତିର ହିସାବ ଜେରା ସମୟରେ ସେ ଦେଇପାରି ନ ଥିବା ବେଳେ ଶନିବାର ବ୍ରହ୍ମପୁର ଲୋଚପଡା ଅଞ୍ଚଳରେ ଥିବା ତାଙ୍କ ଅନ୍ୟ ଏକ ବାସଭବନର ମୂଲ୍ୟ ଆକଳନ ଚାଲିଥିବା ଏସ୍‌ପି ସ୍ୱାଇଁ କହିଛନ୍ତି। ପ୍ରକାଶଯେ, କୈଳାସ ପୂର୍ବରୁ ତୁମୁଡିବନ୍ଧ, କେ.ନୂଆଗାଁ ବ୍ଲକରେ ଫରେଷ୍ଟର ଥିବା ବେଳେ ତାଙ୍କ ନାମରେ ସରକରୀ ଅର୍ଥ ହଡପ ଅଭିଯୋଗ ହୋଇଥିଲା। ଶୁକ୍ରବାର କୈଳାସଙ୍କ ରେଞ୍ଜ ଅଫିସ, ବାଲିଗୁଡା ବଜାର କଲୋନୀ ବାସଭବନ ସମେତ ୭ ସ୍ଥାନରେ ଭିଜିଲାନ୍ସ ଟିମ୍ ଚଢାଉ କରିଥିଲେ।

### ବିଏମ୍‌ସିରେ ଆରଡ଼ିସିଙ୍କ ସମୀକ୍ଷା

ବ୍ରହ୍ମପୁର ଅଫିସ,୨୮।୧୨: ବ୍ରହ୍ମପୁର ମହାନଗର ନିଗମରେ ଶନିବାର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର(ଆରଡିସି) ଟି. ଆଓ ସମୀକ୍ଷା କରିଛନ୍ତି। ଟି.ଆଓ ପୂର୍ବାହ୍ନରେ ବିଏମ୍‌ସି କାର୍ଯ୍ୟାଳୟରେ ପହଞ୍ଚି ନିଗମର ବିଭିନ୍ନ କାର୍ଯ୍ୟ ଓ ଏହାର ଆର୍ଥିକ ଆଦାୟ, ବ୍ୟୟ ନେଇ ସମୀକ୍ଷା କରିଥିଲେ। ନିଗମ ସମ୍ମିଳନୀ କକ୍ଷରେ ଏଷ୍ଟାବିଶ୍‌ମେଣ୍ଟ, ହୋଲଡିଂ ଟ୍ୟାକ୍ସ ସମ୍ପର୍କିତ ତଥ୍ୟ ଯାଞ୍ଚ କରିଥିଲେ। ଏଥିସହ ସହରରେ ବିଏମ୍‌ସି ପକ୍ଷରୁ ପରିମଳ ବ୍ୟବସ୍ଥାର ସୁଧାର ଆଣିବା ଦିଗରେ ନିଆଯାଉଥିବା ପଦକ୍ଷେପ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ରାଜୀବ ଆବାସ ଯୋଜନା ଆଦି ସମ୍ପର୍କରେ ଆଲୋଚନା କରିଥିଲେ। ନିଗମର ବାର୍ଷିକ ଆଦାୟ ଓ ବ୍ୟୟ ସମ୍ପର୍କିତ ତଥ୍ୟ ଯାଞ୍ଚ କରିଥିବା ସୂଚନା ମିଳିଛି। ଆରଡ଼ିସିଙ୍କ ସମୀକ୍ଷା ବେଳେ ଡେପୁଟି କମିଶନର ରୋମାଞ୍ଚଳ ଖମାରୀ, ବସ୍ତି ଉନ୍ନୟନ ଅଧିକାରୀ ଈପ୍‌ସିତା ପ୍ରିୟଦର୍ଶିନୀ ମିଶ୍ର, ଏନ୍‌ଫୋର୍ସମେଣ୍ଟ ଅଫିସର ତରୁଣ କାନ୍ତ, ନିର୍ବାହୀଯନ୍ତ୍ରୀ ବସନ୍ତ ପାତ୍ର ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

### ଖୋଲିଲା ଧାନମଣ୍ଡି

କନିଷ,୨୮।୧୨(ଡି.ଏନ.ଏ.): ଫୁଲଟା ସେବା ସମବାୟ ସମିତିରେ ଶୁକ୍ରବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଫୁଲଟା ସରପଞ୍ଚ ବିଶ୍ୱମ୍ଭର ସାସମଲ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଧାନକ୍ରୟ କମିଟି ତଥା ପରିଚାଳନା ପରିଷଦ ସଭାପତି ଭାଗୀରଥି ସାସମଲ, ସତ୍ୟ ନାରାୟଣ ପ୍ରଧାନ, ରାମ ସାସମଲ, ମନୁ ପ୍ରଧାନ, ଟୁନା ସାସମଲ, ଦେବରାଜ ପ୍ରଧାନ, ସୁକାନ୍ତ ପ୍ରଧାନ, ରଘୁରାମ ଜେନା, ଶାନ୍ତନୁ ବିଷୋୟୀ, ବିଦ୍ୟାଧର ନାହାକ ଓ ପ୍ରତାପ ଚନ୍ଦ୍ର କୋଠିଆ ପ୍ରମୁଖ ଉପସ୍ଥିତ ଥିଲେ। ସମିତି ସମ୍ପାଦକ ଡ଼ମ୍ବୁରୁ ସାସମଲ ଓ ଡିଇଓ ଜଗନ୍ନାଥ ସାସମଲ ଯୋଗ ଦେଇଥିଲେ।





## ଗୋପାଳପୁର ବେଳାଭୂମି ମହୋତ୍ସବ ଉଦ୍‌ଯାପିତ

# ଝୁମାଇଲେ ଶାନ୍






ବ୍ରହ୍ମପୁର ଅଫିସ,୨୮।୧୨

ଗୋପାଳପୁର ବେଳାଭୂମି ମହେସ୍ତବ ଶନିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ଅନ୍ତିମ ସନ୍ଧ୍ୟାରେ ଦମ୍ ଦେଖାଇଥିଲେ ବଲିଉଡର ପ୍ରଚ୍ଛଦପଟ୍ଟ କଣ୍ଠଶିଳ୍ପୀ ଶାନ୍। ଗୋଟିଏ ପରେ ଗୋଟିଏ ଗୀତ ଗାଇ ମହୋତ୍ସବର ଶେଷ ସନ୍ଧ୍ୟାକୁ ଆକର୍ଷଣୀୟ କରିଥିଲେ । ମେ ହୁଁ ଡନ୍ ... ଗୀତରୁ ଶାନ୍‌ଙ୍କ ଏଣ୍ଟ୍ରି ହିଁ ମହୋତ୍ସବ ସ୍ଥଳ ଦର୍ଶକଙ୍କ କରତାଳିରେ କମ୍ପି ଉଠିଥିଲା । ଓମ୍ ଶାନ୍ତି ଓମ୍...., ଚାର କଦମ୍ ....., ଚନ୍ଦସେ ପରିସ ..... ଗୀତ ଗାଇ ଦର୍ଶକଙ୍କ ମନ ମୋହିଥିଲେ । ଏଥିସହ ବଲିଉଡ କଣ୍ଠଶିଳ୍ପୀ ପ୍ରତିଭା ସିଂ କଣ୍ଠର ଯାଦୁରେ ଦର୍ଶକଙ୍କୁ ବିମୋହିତ କରିଥିଲେ । ଶାନ୍‌ଙ୍କୁ ଦେଖିବାକୁ ବେଳାଭୂମିରେ ଲକ୍ଷାଧିକ ଦର୍ଶକଙ୍କ ଭିଡ ଜମିଥିଲା। ଅନ୍ୟପଟେ ଶେଷ ସନ୍ଧ୍ୟାରେ ସ୍ଥାନୀୟ ନୃତ୍ୟ ଦଳଗୁଡ଼ିକ ମଧ ମହୋତ୍ସବର ଶେଷ ସନ୍ଧ୍ୟାକୁ ରଙ୍ଗିନ କରିଥିଲେ। ବିଞ୍ଝଣାପଲ୍ଲୀର ଚୈତନ୍ୟ ନାଟ୍ୟାନନ୍ଦ ଘଣ୍ଟ ମୃଦଙ୍ଗ ସଂଘ ତରଫରୁ ଘଣ୍ଟ ମୃଦଙ୍ଗ, ସମର୍ଥ ତରଫରୁ ଆଧୁନିକ ନୃତ୍ୟ, ଛତ୍ରପୁର ଡ୍ରିମ୍ସ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଆଧୁନିକ ନୃତ୍ୟ, ରିୟଲ ଷ୍ଟାର ଡ୍ୟାନ୍ସ ଏକାଡେମୀ ତରଫରୁ ଆଧୁନିକ ନୃତ୍ୟ, ବ୍ରହ୍ମପୁର ଗାୟତ୍ରୀ କଳାବିକାଶ କେନ୍ଦ୍ର ତରଫରୁ ପଲ୍ଲୀ ନୃତ୍ୟ, ବ୍ରହ୍ମପୁର ବିଟ୍ ପ୍ଲସ୍ ଡ୍ୟାନ୍ସ କ୍ରୀଉ ତରଫରୁ ଅଧୁନିକ ନୃତ୍ୟ, ମା' ନୃତ୍ୟ ଯୋଗ ତରଫରୁ ସମ୍ବଲପୁରୀ ନୃତ୍ୟ, ଭୁବନେଶ୍ୱର ତ୍ରିଧାରା କଳାକାରମାନେ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ଶେଷ ସନ୍ଧ୍ୟାରେ ଅତିଥି ଭାବେ ଶକ୍ତିମନ୍ତ୍ରୀ ଦିବ୍ୟ ଶଙ୍କର ମିଶ୍ର ଯୋଗଦେଇ ଏକତା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଦିଲ୍ଲିପ ରାୟ, ଏମ୍‌କେସିଜିର ପୂର୍ବତନ ପ୍ରଫେସର ଡା. ପି.ସି. ସାହୁ, ପୂର୍ବତନ ଏମ୍‌ପି ସିଦ୍ଧାନ୍ତ ମହାପାତ୍ର, ବିର୍ଲା ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡ. ଲଳିତ କୁମାର ଦେବ, ଗୋପାଳପୁର ଆର୍ମି ଲ୍ୟୁଟେନାଣ୍ଟ ସଚିନ୍ଦ୍ର ସିଂଙ୍କ ସମେତ ବିଧାୟକ, ବ୍ରହ୍ମପୁର ଏମ୍‌ପି ପ୍ରମୁଖ ଯୋଗଦେଇଥିଲେ ।

## 'ଭବିଷ୍ୟତ ଗଠନରେ ସମୟ ପରିଚାଳନା' ଶୀର୍ଷକ କର୍ମଶାଳା

ବ୍ରହ୍ମପୁର ଅଫିସ,୨୮।୧୨

ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ କ୍ୟାରିୟର କାଉନ୍‌ସେଲିଂ ସେଲ୍ ପକ୍ଷରୁ 'ଭବିଷ୍ୟତ ଗଠନରେ ସମୟ ପରିଚାଳନା' ଶୀର୍ଷକ ଏକ କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ପ୍ରଫେସର ଉତ୍ତମା ଜେନା ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ବକ୍ତାଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ପ୍ରଫେସର ପ୍ରକାଶ ଚନ୍ଦ୍ର ମିଶ୍ର ଯୋଗଦେଇ ଉତ୍ତମ ଭବିଷ୍ୟତ ଗଠନରେ ସମୟ ପରିଚାଳନାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ସମୟର ସଦୁପଯୋଗ ତଥା ଠିକ୍ ପରିଚାଳନାର ବିଭିନ୍ନ ଶୈଳୀ ଉପରେ ଆଲୋଚନା କରିଥିଲେ । ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ପ୍ରଫେସର ପ୍ରଭାତ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ଆଶିଷ କୁମାର ସାହୁ ଓ ଦୁର୍ଗା ପ୍ରସାଦ ସାହୁ ପ୍ରମୁଖ ସହଯୋଗ କରିଥିଲେ। ମହାବିଦ୍ୟାଳୟର ବିଭିନ୍ନ ବିଭାଗର ଶତାଧିକ ଛାତ୍ରୀଛାତ୍ର ଏଥିରେ ଅଂଶ ଗ୍ରହଣ କରିଥିଲେ ।



କର୍ମଶାଳାରେ ଉପସ୍ଥିତ ଛାତ୍ରୀଛାତ୍ର ।

## ବାପୁଜୀ ଆଶ୍ରମରେ କଂଗ୍ରେସ ପ୍ରତିଷ୍ଠା ଦିବସ

ବ୍ରହ୍ମପୁର ଅଫିସ,୨୮।୧୨

ବ୍ରହ୍ମପୁର ନଗର କଂଗ୍ରେସ ପକ୍ଷରୁ ଦଳର ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଥିଲା। ଜିଲା କଂଗ୍ରେସ କାର୍ଯ୍ୟାଳୟ ସ୍ଥାନୀୟ ବାପୁଜୀ ଆଶ୍ରମରେ ହୋଇଥିବା ସମାବେଶରେ ସଭାପତି ପ୍ରମୋଦ କୁମାର ଜେନା ଅଧ୍ୟକ୍ଷତା କରିଥିଲେ। କଂଗ୍ରେସର ଜନ୍ମବୃତ୍ତାନ୍ତ ଓ ରାଜନୈତିକ ଇତିହାସ ଉପରେ ଆଲୋକପାତ କରିଥିଲେ । ସାମ୍ପ୍ରତିକ ସ୍ଥିତିରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ଏବଂ ରାଜ୍ୟରେ ବିଜେଡି ସରକାରଙ୍କ ବିଭିନ୍ନ ଜନ ବିରୋଧୀ ନୀତିର ସମାଲୋଚନା କରାଯାଇଥିଲା। ଦୀର୍ଘ ୧୯ ବର୍ଷ ଧରି ଶାସନ କ୍ଷମତାରେ ଡ଼ୋରି ଧରିଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକଚ୍ଛତ୍ରବାଦ ନୀତି ଯୋଗୁ ରାଜ୍ୟବାସୀ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଥିଲା। କର୍ମୀମାନେ ତୃଣମୂଳସ୍ତରରୁ ଦଳ ସଂଗଠନକୁ ମଜଭୁତ କରିବା ଏବଂ ଲୋକଙ୍କ ନିକଟତର ହେବାକୁ ଆହ୍ୱାନ ଦିଆଯାଇଥିଲା। ସଭା ପୂର୍ବରୁ ଇନ୍ଦିରା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

କାର୍ଯ୍ୟକ୍ରମରେ କଂଗ୍ରେସ ଆଇନ ସେଲ ଜିଲା ମୁଖ୍ୟ ଶିବରାମ ପାତ୍ର, ଜିଲା କମିଟି ବରିଷ୍ଠ କର୍ମକର୍ତ୍ତା ବୃନ୍ଦାବନ ଖଟେଇ, ରବି ଅଧିକାରୀ, ଭୋକାଲି ସେଠୀ, ସାଇ ପ୍ରସାଦ ପାତ୍ର, ଛାତ୍ର କଂଗ୍ରେସ ଜିଲା ସଭାପତି ବିଜୟରାଜ ପାଣିଗ୍ରାହୀଙ୍କ ସମେତ ଅନ୍ୟ ଛାମୁଆ ସଂଗଠନ ନେତା ଯୋଗ ଦେଇଥିଲେ। ଅନେକ କର୍ମୀ ଉପସ୍ଥିତ ଥିଲେ । ଜିଲାରେ କଂଗ୍ରେସର ପୂର୍ବ ସ୍ଥିତି ଫେରାଇ ଆଣିବା ପାଇଁ ନେତା ଓ କର୍ମୀ ପ୍ରତିଷ୍ଠା ଦିବସରେ ସଂକଳ୍ପବଦ୍ଧ ହେବାକୁ ନଗର କଂଗ୍ରେସ ସଭାପତି ଆହ୍ୱାନ ଦେଇଥିଲେ।



ପ୍ରତିଷ୍ଠା ଦିବସରେ କଂଗ୍ରେସ କର୍ମୀମାନେ।

## ଉପଖଣ୍ଡସ୍ତରୀୟ ସଡ଼କ ସୁରକ୍ଷା ବୈଠକ

ବ୍ରହ୍ମପୁର ଅଫିସ,୨୮।୧୨

ଉପଖଣ୍ଡସ୍ତରୀୟ ସଡକ ସୁରକ୍ଷା ବୈଠକ ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ସିନ୍ଦେ ଦତ୍ତାତ୍ରୟ ଭାଉସାହେବଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସଡକ ସୁରକ୍ଷା ନିୟମ କଡାକଡି ଭାବେ ପାଳନ କରାଯିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ହେଲ୍‌ମେଟ ବ୍ୟବହାର ବାଧ୍ୟତାମୂଳକ କରାଯିବା ସହ ନିଶାସକ୍ତ ତଥା ଦ୍ରୁତ ଗତିରେ ଗାଡିଚାଳନା କରୁଥିବା ଚାଳକଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା । ଗାଡିଚାଳନା ବେଳେ ମୋବାଇଲ ଫୋନ ବ୍ୟବାହାର, ଦୁଇଚିକିଆ ଯାନରେ ଦୁଇରୁ ଉର୍ଦ୍ଧ୍ୱ ଯାତ୍ରୀ ପରିବହନ ଉପରେ କଟକଣାକୁ କଡାକଡି କରାଯିବାକୁ କୁହାଯାଇଥିଲା । ସଡକ ସୁରକ୍ଷା ନିୟମ ଉପରେ ସଚେତନତା ସୃଷ୍ଟି ନେଇ ଶୋଭାଯାତ୍ରା ଆୟୋଜନ ସହ ସ୍କୁଲ, କଲେଜରେ ସଚେନତନା କାର୍ଯ୍ୟକ୍ରମ ଆୟୋଜନ କରାଯିବା ନେଇ ନିଷ୍ପତ୍ତି ନିଆଯାଇଥିଲା । ବୈଠକରେ ଉପଜିଲାପାଳଙ୍କ ସମେତ ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ମିଶ୍ର, ସହକାରୀ ଜିଲାପାଳ ପ୍ରଦୀପ କୁମାର ମହାରଣା, ବିନୋଦ କୁମାର ବେହେରାଙ୍କ ସମେତ ସହରର ବିଭିନ୍ନ ସ୍କୁଲ ପ୍ରଧାନ ଶିକ୍ଷକ, ଅଧ୍ୟାପିକା, ଅଧ୍ୟାପକ, ତହସିଲଦାର ଓ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ବୈଠକରେ ପୋଲିସ ଅଧିକାରୀ, ପ୍ରଧାନ ଶିକ୍ଷକ, ଅଧ୍ୟାପିକା ଓ ଅଧ୍ୟାପକ।

## ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଜାନୁୟାରୀ ୩ରୁ

ବ୍ରହ୍ମପୁର ଅଫିସ,୨୮।୧୨

ଗଞ୍ଜାମ ଜିଲା ମଞ୍ଚ କଳାକାର ସମ୍ମିଳନୀ ପକ୍ଷରୁ ତୃତୀୟ ରାଜ୍ୟସ୍ତରୀୟ ତଥା ଊନବିଂଶ ଦକ୍ଷିଣ ଓଡିଶା ନାଟକ ମହୋତ୍ସବ ଜାନୁୟାରୀ ୩ରୁ ଆରମ୍ଭ ହେବ । ପ୍ରକାଶମ୍ ହଲ୍‌ରେ ଜାନୁୟାରୀ ୯ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ମହୋତ୍ସବରେ ରାଜ୍ୟର ବିଭିନ୍ନ ନାଟ୍ୟାନୁଷ୍ଠାନ ପକ୍ଷରୁ ନୂତନ ନାଟକ ମଞ୍ଚସ୍ଥ ହେବ । ଶନିବାର ଗଞ୍ଜାମ କଳା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନ ସଭାପତି ବଳରାମ ଦାଶ ଏହି ସୂଚନା ଦେଇଛନ୍ତି । ମଞ୍ଚନାଟକ ସହ ନୂତନ କଳାକାର, ନିର୍ଦ୍ଦେଶକ ସୃଷ୍ଟି କରିବା ମହୋତ୍ସବର ମୂଳ ଲକ୍ଷ୍ୟ ବୋଲି ସଭାପତି କହିଥିଲେ । ୨୯ ବର୍ଷ ଧରି ମଞ୍ଚନାଟକକୁ ପୁନର୍ଜୀବିତ କରିବାକୁ ନେଇ ବିନା ସରକାରୀ ସାହାଯ୍ୟରେ ଏହି ଅନୁଷ୍ଠାନ ପ୍ରତିବର୍ଷ ନାଟକ ପ୍ରତିଯୋଗିତା ତଥା ମହୋତ୍ସବ କରିଆସୁଛି। ବର୍ତ୍ତମାନ ସୁଧା ମହୋତ୍ସବ ମାଧ୍ୟମରେ ୨୭୦ରୁ ଉର୍ଦ୍ଧ୍ୱ ନୂଆ ନାଟକ ମଞ୍ଚସ୍ଥ କରାଇବା ସହ ବହୁ ନୂତନ କଳାକାର, ନିର୍ଦ୍ଦେଶକ ସୃଷ୍ଟି କରିବାରେ ସକ୍ଷମ ହୋଇପାରିଛି ବୋଲି ସଭାପତି କହିଥିଲେ। ଚଳିତ ବର୍ଷ ମଧ ସପ୍ତାହବ୍ୟାପୀ ଚାଲିବାକୁ ଥିବା ଏହି ମହୋତ୍ସବରେ ବିଭିନ୍ନ ଜିଲାର କୋଣ ଅନୁକୋଣରୁ ଆସିଥିବା ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ନୂତନ ୮ ଟି ନାଟକ ପରିବେଷିତ ହେବାର କାର୍ଯ୍ୟକ୍ରମ ରହିଛି । ଏଥିସହ ରାଜ୍ୟସ୍ତରୀୟ ନାଟକ ସମ୍ପର୍କିତ ଆଲୋଚନା ଚକ୍ର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହେବ । ଅନ୍ତିମ ଦିବସରେ ଶ୍ରେଷ୍ଠ ନାଟକ, ନିର୍ଦ୍ଦେଶକ, କଳାକାରଙ୍କୁ ପୁରସ୍କୃତ କରାଯିବ ବୋଲି ସମ୍ମିଳନୀରେ କୁହାଯାଇଥିଲା। ଖବରଦାତା ସମ୍ମିଳନୀରେ ସଭାପତିଙ୍କ ସମେତ କାର୍ଯ୍ୟକାରୀ ସଭାପତି ବିଚିତ୍ରାନନ୍ଦ ବେବର୍ତ୍ତା, ଆବାହକ ଭବାନୀ ଶଙ୍କର ମିଶ୍ର, ସାଧାରଣ ସମ୍ପାଦକ ରମେଶ ମହାରଣା, ସ୍ମରଣିକା ସମ୍ପାଦକ ଇଂ. ସନ୍ତୋଷ କୁମାର ପାଣିଗ୍ରାହୀ ଓ କିରଣ ବାଳା ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା ମଞ୍ଚାସୀନ ଥିଲେ ।



ଖବରଦାତା ସମ୍ମିଳନୀରେ ଅନୁଷ୍ଠାନ କର୍ମକର୍ତ୍ତା ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ରବିବାର, ଡିସେମ୍ବର ୨୯/୨୦୧୯ Berhampur, Sunday, December 29/2019

## ସଂକ୍ଷେପରେ

### ୧୪୫ ଲିଟର ଦେଶୀ ମଦ ଜବତ, ୫ ଗିରଫ

ଦାରିଙ୍ଗବାଡ଼ି/ବ୍ରାହ୍ମଣୀଗାଁ,୨୮।୧୨ (ଡି.ଏନ୍.ଏ.)- ଦାରିଙ୍ଗବାଡ଼ି ବ୍ଲକ ବ୍ରାହ୍ମଣୀଗାଁ ଥାନା ଅଞ୍ଚଳରେ ପୋଲିସ ପକ୍ଷରୁ ଚଢ଼ାଉ କରାଯାଇ ୧୪୫ ଲିଟର ଦେଶୀମଦ ଜବତ କରାଯାଇଛି। ଏହାସହ ଶତାଧିକ ଲିଟର ମହୁଲ ପୋଚ ନଷ୍ଟ କରାଯିବା ସହ ମଦରନ୍ଧା ସରଞ୍ଜାମ ମଧ ଜବତ ହୋଇଛି। ଚୋରାମଦ କାରବାରରେ ଲିପ୍ତ ୫ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫମାନେ ହେଲେ କୁମ୍ଭାରିଗାଁ ପଞ୍ଚାୟତ ଡୁଡୁବିଜୁ ଗ୍ରାମର ନାୟକ ଦେଶମାଝୀ, ବିନୋଦ ମଲ୍ଲିକ, ଜୁଲିଆନ ମଲ୍ଲିକ, ଦିବାକର ଦେଶମାଝୀ, ଏବଂ ଝିଞ୍ଜିରିଗୁଡା ପଞ୍ଚାୟତ କିରାମାହା ଗ୍ରାମର ସେନସାତ ମଲ୍ଲିକ ବୋଲି ଥାନା ଅଧିକାରୀ ରଞ୍ଜିତ କୁମାର ମୁନୀ କହିଛନ୍ତି। ସେମାନଙ୍କ ନାମରେ ନଂ.୧୦୬, ୧୦୭, ୧୦୮, ୧୦୯, ୧୧୦/୧୯ରେ ମାମଲା ରୁଜୁ ହୋଇଛି।

### ଟ୍ରାକ୍ଟର ଦୁର୍ଘଟଣା, ଜଣେ ମୃତ

ଦାରିଙ୍ଗବାଡ଼ି,୨୮।୧୨(ଡି.ଏନ୍.ଏ.)- ଦାରିଙ୍ଗବାଡି ଥାନା ବାଡାବାଙ୍ଗା ପଞ୍ଚାୟତ ରାଜେନପାଙ୍ଗା ଗ୍ରାମ ନିକଟରେ ଏକ ଟ୍ରାକ୍ଟର ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଛି। ସେ ହେଲେ ସିଆଙ୍ଗବାଲି ଗ୍ରାମର ମସେସ ପ୍ରଧାନ( ୨୨)। ମସେସ ଏକ ଟ୍ରାକ୍ଟରରେ ଶ୍ରମିକ ଭାବେ କାମ କରନ୍ତି। ବାଲି ଆଣିବା ପାଇଁ ସେ ଟ୍ରାକ୍ଟର ଡାଲାରେ ବସି ସିଆଙ୍ଗବାଲିରୁ ଗଦଡି ଯାଉଥିଲେ। ରାଜେନପାଙ୍ଗା ନିକଟରେ ଟ୍ରାକ୍ଟର ଚକା ପଥର ଉପରେ ଚଢ଼ିଯିବାରୁ ମସେସ ଡାଲାରୁ ଖସି ପଡିଥିଲେ। ତାଙ୍କ ଉପରେ ଟ୍ରାକ୍ଟର ଚକା ଚଢି ଯାଇଥିଲା। ତାଙ୍କୁ ଉଦ୍ଧାର କରି ପ୍ରଥମେ ଦାରିଙ୍ଗବାଡି ମେଡିକାଲ ଓ ପରେ ବାଲିଗୁଡା ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆ ଯାଇଥିଲା। ସେଠାରେ ଚିକିତ୍ସିତ ହେଉଥିବାବେଳେ ତାଙ୍କର ମୃତ୍ୟୁ ଘଟିଛି। ଏନେଇ ନଂ.୧୪୨/୧୯ ରୁଜୁ ହୋଇଛି। ସବଇନ୍ସପେକ୍ଟର ଗୋପାଳକୃଷ୍ଣ ଆଗୁପାତ୍ର ବାଲିଗୁଡାରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

### ଦାରିଙ୍ଗବାଡ଼ିରେ ମହିଳା ପର୍ଯ୍ୟଟକଙ୍କ ମୃତ୍ୟୁ

ଦାରିଙ୍ଗବାଡି,୨୮।୧୨(ଡି.ଏନ୍.ଏ.)- ଦାରିଙ୍ଗବାଡିକୁ ବୁଲିବାକୁ ଆସିଥିବା ଜଣେ ପଶ୍ଚିମବଙ୍ଗର ମହିଳା ପର୍ଯ୍ୟଟକଙ୍କ ଶୁକ୍ରବାର ପାହାନ୍ତାରେ ମୃତ୍ୟୁ ହୋଇଛି। ସେ ହେଲେ ବାସୁନଗର ଅଞ୍ଚଳର ରୀନା ଘୋଷ (୬୦) ବୋଲି ଚିକିତ୍ସା କରୁଥିବା ଡାକ୍ତର ସୁମନ୍ତ କୁମାର ପଣ୍ଡା କହିଛନ୍ତି। ତାଙ୍କର ହୃଦଘାତରେ ମୃତ୍ୟୁ ହୋଇଥିବା ଡାକ୍ତର ପଣ୍ଡା କହିଛନ୍ତି। ହେଲେ ଏନେଇ ଦାରିଙ୍ଗବାଡି ଅଞ୍ଚଳରେ ବିଭିନ୍ନ ପ୍ରକାର ଆଲୋଚନା ହେଉଛି। ପ୍ରକାଶ ଯେ, ମୃତ ରୀନା ପରିବାର ସହ ଦାରିଙ୍ଗବାଡି ବୁଲିବାକୁ ଆସି ଏକ ହୋଟେଲରେ ରହୁଥିଲେ। ବିଳମ୍ବିତ ରାତିରେ ସେ ଅସୁସ୍ଥ ହୋଇପଡିବାରୁ ପରିବାର ଲୋକ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

## ଲଟେରିରେ କାର ଜିତିବା ସୂଚନା

# ୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଠକେଇ ଅଭିଯୋଗ

**ବଢୁଛି ସାଇବର ଅପରାଧ**

ଗୋପାଳପୁର,୨୮।୧୨

ଦିନକୁ ଦିନ ସାଇବର ଠକେଇ ବଢୁଛି। ବିଭିନ୍ନ ସମୟରେ ମିଥ୍ୟା ଫୋନ୍ କଲ ପାଇ ଲୋକଙ୍କର ଲକ୍ଷଲକ୍ଷ ଟଙ୍କା ଚାଲିଯାଉଛି। ଏଭଳି ଏକ ଘଟଣା ଘଟିଛି ଗଞ୍ଜାମ ଜିଲାରେ। ଲଟେରିରେ କାର ଜିତିବା ଆଶାରେ ଜଣେ ବ୍ୟକ୍ତି ଲକ୍ଷାଧିକ ଟଙ୍କା ଦେଇ ଠକେଇର ଶିକାର ହୋଇଥିବା ଶନିବାର ଥାନାରେ ଅଭିଯୋଗ ହୋଇଛି। ସେ ହେଲେ ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅନ୍ତର୍ଗତ ଷୋଳବିନ୍ଧା ଗ୍ରାମର ରବୀନ୍ଦ୍ର ମହାନ୍ତି। ରବୀନ୍ଦ୍ରଙ୍କ ଏତଲା କ୍ରମେ ନଂ. ୩୨୯/୧୯ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଗତ ୨୪ ତାରିଖରେ ରବୀନ୍ଦ୍ରଙ୍କ ମୋବାଇଲ ଫୋନକୁ ଏକ କଲ ଆସିଥିଲା। ବ୍ୟକ୍ତି ଜଣକ ନିଜକୁ ସ୍ନାପ୍‌ଡିଲ୍ ସଂସ୍ଥାର କର୍ମଚାରୀ ବୋଲି ପରିଚୟ ଦେଇ ଖ୍ରୀଷ୍ଟମାସ୍‌ରେ ଆପଣଙ୍କ ଫୋନ ନମ୍ବରକୁ ବମ୍ପର ଲଟେରି ବିଜେତା ଘୋଷଣା କରାଯାଇଛି। ଆପଣ ଏକ କାର ଜିତିଛନ୍ତି । ଏ ବାବଦରେ ଟଙ୍କା ମଧ ନେଇପାରିବେ ବୋଲି ରବୀନ୍ଦ୍ରଙ୍କୁ କହିଥିଲେ। ସେ ଟଙ୍କା ନେବାକୁ ରାଜି ହୋଇ ତାଙ୍କୁ ଆଧାର କାର୍ଡ, ପାନ୍ କାର୍ଡ ଓ ବ୍ୟାଙ୍କ ଆକାଉଣ୍ଟ ନମ୍ବର ଦେଇଥିଲେ। ସମ୍ପୃକ୍ତ ବ୍ୟକ୍ତି ଏହାର ପ୍ରୋସେସିଂ ବାବଦରେ ୬,୫୦୦ ଟଙ୍କା ଗୁଗଲ୍ ପେରେ ଡିପୋଜିଟ କରିବାକୁ କହିଥିଲେ। ପରେ ରବୀନ୍ଦ୍ର ଉକ୍ତ ଆକାଉଣ୍ଟରେ ଟଙ୍କା ପଠାଇଥିଲେ। ୨୫ ତାରିଖରେ ଆପଣ ପଠାଇଥିବା ଟଙ୍କା ଆକାଉଣ୍ଟକୁ ଆସିନାହିଁ। ଜିଏସ୍‌ଟି ବାବଦରେ ୧୬,୮୦୦ ଟଙ୍କା ଦେବାକୁ ଉକ୍ତ କର୍ମଚାରୀ ରବୀନ୍ଦ୍ରଙ୍କୁ କହିଥିଲେ। ପରେ କର୍ମଚାରୀ ବ୍ୟାଙ୍କ ଆକାଉଣ୍ଟର ସବିଶେଷ ତଥ୍ୟ ଦେଇ ଟଙ୍କା ପଠାଇବାକୁ କହିଥିଲେ। ରବୀନ୍ଦ୍ର ପୁଣି ସେହି ନମ୍ବରରେ ଟଙ୍କା ପୈଠ କରିଥିଲେ। ପର୍ଯ୍ୟାୟକ୍ରମେ ୧୦ ଥର ୧ ଲକ୍ଷ ୩୬ ହଜାର ୪୫୦ ଟଙ୍କା ସେହି ଆକାଉଣ୍ଟ ନମ୍ବରରେ ପଠାଇଥିଲେ। ପରେ ତାଙ୍କର ସନ୍ଦେହ ହେବାରୁ ସେ ଗୁଗଲ୍‌ରେ ସର୍ଚ୍ଚ କରି ସ୍ନାପଡିଲ୍‌ର ଏକ ହେଲପ୍ ଲାଇନ ନମ୍ବରକୁ ଫୋନ କରିଥିଲେ। ଆପଣଙ୍କ ଟଙ୍କା ଆସିଛି ଶୀଘ୍ର କାର ବାବଦ ଟଙ୍କା ଆପଣଙ୍କ ପାଖକୁ ପଠାଯିବ ବୋଲି ଫୋନ୍ ଉଠାଇଥିବା ବ୍ୟକ୍ତି କହିଥିଲେ। ଶୁକ୍ରବାର ପୂର୍ବାହ୍ନରେ ପୁଣି ସେହି କର୍ମଚାରୀ ଜଣକ ଲେଟ୍ ହୋଇଗଲା ୭ ହଜାର ଟଙ୍କା ପୁନର୍ବାର ପୈଠ କରିବାକୁ କହିଥିଲେ। ଏ ନେଇ ରବୀନ୍ଦ୍ର ଗ୍ରାମର କେତେକ ଲୋକଙ୍କୁ ପଚାରିବାରୁ ସେ ଠକେଇର ଶିକାର ହୋଇଥିବା ଜାଣି ଶନିବାର ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶନିବାର ମଧ ଟଙ୍କା ବାନ୍ଧିବାକୁ କଲ ଆସିଥିବା ରବୀନ୍ଦ୍ର କହିଛନ୍ତି। ତେବେ ଠକେଇ କରିଥିବା ବ୍ୟକ୍ତି ବିହାର ଅଞ୍ଚଳର ବୋଲି ଜଣାପଡ଼ିଥିବା ଥାନାଧିକାରୀ ବାବୁଲି ନାୟକ କହିଛନ୍ତି।

## ଦାରିଙ୍ଗବାଡ଼ିରେ ବଢ଼ିଲା ଶୀତ, ପର୍ଯ୍ୟଟକଙ୍କ ଭିଡ଼



ଝରଣା କୂଳରେ ପର୍ଯ୍ୟଟକଙ୍କ ଭିଡ଼।

ଦାରିଙ୍ଗବାଡ଼ି,୨୮।୧୨(ଡି.ଏନ୍.ଏ.)

ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଶନିବାର ଶୀତ ବୃଦ୍ଧି ପାଇଛି। ସକାଳ ୮ଟା ସୁଦ୍ଧା ସର୍ବନିମ୍ନ ତାପମାତ୍ର ୭ଡିଗ୍ରୀ ରହିଥିବା ବେଳେ ସନ୍ଧ୍ୟା ୫ଟାବେଳେ ୯ଡିଗ୍ରୀ ରେକର୍ଡ଼ କରାଯାଇଛି। କୋହଲା ପବନ ସାଙ୍ଗକୁ ଦିନରେ ମଧ ଶୀତ ଅନୁଭୁତ ହେଉଥିବାରୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ସେହିପରି ସକାଳ ୯ଟା ପର୍ଯ୍ୟନ୍ତ କୁହୁଡ଼ି ଆଚ୍ଛାଦିତ ଯୋଗୁ ଗାଡ଼ିମୋଟର ଚଳାଚଳରେ ବାଧାସୃଷ୍ଟି ହୋଇଛି। ଶୀତର ମଜା ନେବା ପାଇଁ ଦାରିଙ୍ଗବାଡ଼ିକୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ହିଲ୍‌ଭିୟୁ ପାର୍କ ସମେତ ମିଡ଼ିୟୁବାନ୍ଧା ଜଳପ୍ରପାତ, କିରିକୁଟି ଲଭର୍ସପଏଣ୍ଟ, ନେଚରପାର୍କ, ଡୁଲୁରୀ ପାଇନ ବଣରେ ବେଶ୍ ଭିଡ ଦେଖିବାକୁ ମିଳିଛି। ଏଭଳି ଶୀତ ହେଲେ ଦାରିଙ୍ଗବାଡ଼ି ଅଞ୍ଚଳରେ ତୁଷାରପାତ ହେବା ଆଶଙ୍କା କରାଯାଇଛି। ଗାଁର ଦୁର୍ଗମ ଅଞ୍ଚଳରେ ଶୀତବସ୍ତ୍ରର ଅଭାବ ଯୋଗୁ ଲୋକ ଶୀତ ଦାଉରୁ ରକ୍ଷା ପାଇବାକୁ ନିଆଁ ପୁଉଁଥିବା ଦେଖିବାକୁ ମିଳିଛି।

## ଆକ୍ରମଣ ମାମଲାରେ ୪ ଗିରଫ

ଆସିକା,୨୮।୧୨(ଡି.ଏନ୍.ଏ.)

ଆସିକା ଥାନା ଗବନଳା ଗ୍ରାମରେ ଶୁକ୍ରବାର ମଧ୍ୟାହ୍ନରେ ସେହି ଗ୍ରାମର ପଞ୍ଚାନନ ରାଉତଙ୍କ ଉପରେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଶନିବାର ପୋଲିସ ଘଟଣାରେ ସମ୍ପୃକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଆସିକା ଥାନା ଗୋଲାପଲ୍ଲୀ ଗ୍ରାମର ଏମ୍. ସୁବାସ ପାତ୍ର, ଏମ୍. ଗୋପାଳ ପାତ୍ର, ଏମ୍. ଭାଲୁ ପାତ୍ର ଓ କେ. ଗଣେଶ ପାତ୍ର। ଗିରଫ ଅଭିଯୁକ୍ତଙ୍କୁ ଶନିବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ସୂଚନା ଯୋଗ୍ୟ, ଶୁକ୍ରବାର ମଧ୍ୟାହ୍ନରେ ଗବନଳା ଗ୍ରାମର ମୁଗ ଫସଲରେ ଛେଳି ଚରାଇବାକୁ କେନ୍ଦ୍ର କରି ପଞ୍ଚାନନ ସଂପୃକ୍ତ ଛେଳି ଚରାଳିଙ୍କୁ ବାରଣ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ଛେଳି ଚରାଳିମାନେ ପଞ୍ଚାନନଙ୍କ ଉପରେ ମରଣାନ୍ତକ ଆକ୍ରମଣ କରିଥିଲେ। ଏନେଇ ଆସିକା ଥାନାରେ ନଂ.୫୦୨/୧୯ରେ ଏକ ମାମଲା ରୁଜୁ ହୋଇଥିଲା।

## ■ ଆନ୍ତଃ ଜିଲା ଭଲିବଲ, ଫୁଟବଲ ଟୁର୍ନାମେଣ୍ଟ

# ବ୍ରହ୍ମପୁରର ପାୱାର ସିକ୍ସ, ବାରାକ୍ସ ଟିମ୍ ବିଜୟୀ

ଦିଗପହଣ୍ଡି,୨୮।୧୨(ଡି.ଏନ.ଏ.)

ଦିଗପହଣ୍ଡି ଖେମୁଣ୍ଡି ଭଲିବଲ ଓ ଫୁଟବଲ କ୍ଲବ ପକ୍ଷରୁ ଦିଗପହଣ୍ଡିସ୍ଥିତ ବଡ଼ଖେମୁଣ୍ଡି ହାଇସ୍କୁଲ ଖେଳପଡିଆରେ ବସନ୍ତ ସ୍ମାରକୀ ଆନ୍ତଃ ଜିଲା ଭଲିବଲ ଓ ବିକ୍ରମ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଶନିବାର ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ବ୍ରହ୍ମପୁର ନଗର କଂଗ୍ରେସ କମିଟି ସଭାପତି ପ୍ରମୋଦ କୁମାର ଜେନା, ପୂର୍ବତନ ଜିଲା ଯୁବ କଂଗ୍ରେସ ସଭାପତି ଶିବରାମ ପାତ୍ର, ଦିଗପହଣ୍ଡି ବ୍ଲକ ଶିକ୍ଷାଧିକାରୀ ବସନ୍ତ କୁମାର ପଣ୍ଡା ଅତିଥି ଭାବେ ଯୋଗ ଦେଇଥିଲେ। ଗଜପତି ଜିଲା ମୋହନାର ଭଲିବଲ ଟିମକୁ ପ୍ରତିପକ୍ଷ ବ୍ରହ୍ମପୁର ପାୱାର ସିକ୍ସ ଟିମ ୨-୧ ସେଟରେ ପରାଜିତ କରି ଫାଇନାଲ ମ୍ୟାଚକୁ ଉନ୍ନୀତ ହୋଇଛି। କ୍ରୀଡାବିତ୍ ହରପ୍ରସାଦ ରଥ ରେଫେରି ଭାବେ ମ୍ୟାଚ ପରିଚାଳନା କରିଥିଲେ। ସେହିପରି ବିକ୍ରମ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲରେ ଭୁବନେଶ୍ୱରସ୍ଥିତ କଳିଙ୍ଗ ଫୁଟବଲ ଏକାଡେମୀର ମ୍ୟାନେଜର ଶ୍ରୀନିବାସ ମିଶ୍ର ଅତିଥିଭାବେ ଯୋଗଦେଇଥିଲେ। ମ୍ୟାଚରେ ଖୋର୍ଦ୍ଧା ଆର.ଏନ୍.ଏକାଡେମୀ ଫୁଟବଲ କ୍ଲବକୁ ପ୍ରତିପକ୍ଷ ବ୍ରହ୍ମପୁର ବାରାକ୍ସ ଫୁଟବଲ ଟିମ ୧-୦ ଗୋଲରେ ପରାଜିତ କରି ଫାଇନାଲ ମ୍ୟାଚକୁ ଉନ୍ନୀତ ହୋଇଛି। ପ୍ରଶାନ୍ତ କୁମାର ପାଲ, ଶିବଶଙ୍କର ପଣ୍ଡା, ରଞ୍ଜିତ କୁମାର ପାତ୍ର, ଅଭିମନ୍ୟୁ ବେହେରା ରେଫରି ଭାବେ ମ୍ୟାଚ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ଉଭୟ ଫୁଟବଲ ଟିମ।

## ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର ପରାମର୍ଶ ଦେଲେ ପିସିସିଏଫ୍



କାର୍ଯ୍ୟକ୍ରମରେ ଉପସ୍ଥିତ ପିସିସିଏଫ୍ ଓ ଅନ୍ୟମାନେ।

ବୁଗୁଡ଼ା,୨୮।୧୨(ଡି.ଏନ.ଏ.)

ରାଜ୍ୟ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ) ତଥା ପ୍ରକଳ୍ପ ନିର୍ଦ୍ଦେଶକ ଡା. ସୁଦର୍ଶନ ପଣ୍ଡା ଶୁକ୍ରବାର ବୁଗୁଡ଼ା ବନାଞ୍ଚଳ ଗସ୍ତରେ ଆସିଥିଲେ। ସେଠାରେ ସେ କୁଆନଳାଠାରେ ନବ ନିର୍ମିତ ବନ ସୁରକ୍ଷା ସମିତିର ଏକ ସଭାଗୃହକୁ ଉଦ୍‌ଘାଟନ କରିଥିଲେ। ପରେ ଉଜୁଡ଼ା ଜଙ୍ଗଲର ପୁନରୁଦ୍ଧାର, ନଣ୍ଡା ପାହାଡ଼ରେ ନୂତନ ଜଙ୍ଗଲ ସୃଷ୍ଟି ସହ ବନ୍ୟଜନ୍ତୁଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେବାକୁ ବନ କର୍ମଚାରୀ, ସୁରକ୍ଷା ସମିତିର କର୍ମକର୍ତ୍ତା ଓ ଗ୍ରାମବାସୀଙ୍କୁ ପରାମର୍ଶ ଦେଇଥିଲେ। ଉଦ୍‌ଘାଟନ ଉତ୍ସବରେ ସେ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ଫେଜ୍-୨ର ବିଭିନ୍ନ ଯୋଜନାର ରୂପରେଖକୁ ବିସ୍ତୃତ ଭାବେ ବର୍ଣ୍ଣନା କରି ଏହାର ସଫଳ ରୂପାୟନ କରିବା ସହ ସୁଦୀର୍ଘ ଭବିଷ୍ୟତ କାର୍ଯ୍ୟଶୈଳୀ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ବ୍ରହ୍ମପୁର ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ଥ, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ସତ୍ୟ ନାରାୟଣ ବେହୁରା, ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ଅଭୟ କୁମାର ଦଳାଇ, ବୁଗୁଡ଼ା ବନାଞ୍ଚଳ ଅଧିକାରୀ ଫକୀର ଚରଣ ବେହେରା, ଏସିଏଫ୍ ପ୍ରଭାକର ନାୟକ, ସରପଞ୍ଚ ପ୍ରତିନିଧି ରବୀନ୍ଦ୍ର ବେହେରା, ସମସ୍ତ ବନ କର୍ମଚାରୀ, ବନ ସୁରକ୍ଷା ସମିତିର କର୍ମକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଏହି ଅବସରରେ ବନ ସଂରକ୍ଷକ ଗୋଳାବନ୍ଧ ଜଙ୍ଗଲ ପରିଦର୍ଶନରେ ଯାଇ ସେଠାରେ ଚାରାରୋପଣ କାର୍ଯ୍ୟକ୍ରମର ପରିଦର୍ଶନ କରିଥିଲେ ।

## ■ ମଦଦୋକାନ ଜାଳିବା ଘଟଣା

# ୫୦ରୁ ଊର୍ଦ୍ଧ୍ୱଙ୍କ ନାଁରେ ଏତଲା

କବିସୂର୍ଯ୍ୟନଗର,୨୮।୧୨

କବିସୂର୍ଯ୍ୟନଗର ଥାନା ଅଞ୍ଚଳରେ ମଦ ବିରୋଧୀ ଆନ୍ଦୋଳନ ତେଜିବାରେ ଲାଗିଥିଲା। ଉତ୍ତ୍ୟକ୍ତ ଲୋକେ ଏ.ବରିଡ଼ା, କୁଶପଲୀରେ ମଦଭାଟି ଓ ମଦ ବ୍ୟବସାୟୀଙ୍କ ୩ ଘର ଜାଳି ଦେଇଥିଲେ। ଏ ନେଇ ୩ ମରାଠୀ ପରିବାର ପକ୍ଷରୁ ସ୍ଥାନୀୟ ଥାନାରେ ଏତଲା ଦିଆଯାଇଛି। ଏଥିରେ ସମ୍ପୃକ୍ତ ୫୦ରୁ ଊର୍ଦ୍ଧ୍ୱ ଲୋକଙ୍କ ନାଁରେ ପୋଲିସ ନଂ. ୩୧୫/୧୯, ୩୧୬/୧୯ ଓ ୩୧୯/୧୯ରେ ମାମଲା ରୁଜୁ କରିଛି। ବର୍ତ୍ତମାନ କାହାକୁ ଗିରଫ କରାଯାଇ ନ ଥିବା ଆଇଆଇସି ପ୍ରଭାତ କୁମାର ସାହୁ କହିଛନ୍ତି।

ସୂଚନାଯୋଗ୍ୟ, ଗତ ୨୫ ତାରିଖରେ ଏ. ବରିଡ଼ାର ବଡ଼ଦାଣ୍ଡ ସାହିରେ ସାମାଜିକ କର୍ମୀ ଏ. ବ୍ରହ୍ମାନନ୍ଦ ଆଚାରୀ ଗ୍ରାମବାସୀଙ୍କ ସହଯୋଗରେ ମଦ ବିରୋଧୀ ସଚେତନତା କରୁଥିଲେ। ଏ ନେଇ ତାଙ୍କୁ ମଦ ଦୋକାନୀ ମାଡ଼ ମାରିଥିବା ସେ ଅଭିଯୋଗ କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ଶତାଧିକ ମହିଳା ଗ୍ରାମରେ ଥିବା ବିଦେଶୀ ମଦ ଦୋକାନକୁ ରାତିରେ ଜାଳି ଦେଇଥିଲେ। ପରଦିନ ସକାଳେ ଭାଟପଡ଼ା ଗ୍ରାମବାସୀ ଏ.ବରିଡ଼ା ରାସ୍ତାରେ ଥିବା ଦେଶୀ ମଦ ଦୋକାନ ଭଙ୍ଗାରୁଜା କରିବା ସହ ମଦ ସରଞ୍ଜାମ ପୋଡ଼ିଦେଇଥିଲେ। ପରେ କୁଶପଲ୍ଲୀର ମରାଠୀବସାରେ ମଦ ଦୋକାନ, ହୋଟେଲ ଓ ୩ ବାସଗୃହ ଜାଳିଦେଇଥିଲେ। ଏପରିକି ପୋଲିସ ବି ଉତ୍ତ୍ୟକ୍ତ ଲୋକଙ୍କ ଶିକାର ହୋଇଥିଲା। ବର୍ତ୍ତମାନ ଗ୍ରାମରେ ମଦ ବିକ୍ରି ସମ୍ପୂର୍ଣ୍ଣ ବନ୍ଦ ରହିଛି।

## ୯୮ ପାଉଚ ମଦ ଜବତ, ୪ ଗିରଫ

ଦିଗପହଣ୍ଡି,୨୮।୧୨(ଡି.ଏନ.ଏ.)

ବେଆଇନ ମଦ ବିକ୍ରି ଅଭିଯୋଗରେ ଦିଗପହଣ୍ଡି ପୋଲିସ ୪ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନିମଖଣ୍ଡିପେଣ୍ଠ ଗ୍ରାମର ରାଧାମୋହନ ସାହୁ, ପ୍ରଫୁଲ୍ଲ ସାହୁ, କୈଠଖଣ୍ଡି ଗ୍ରାମର ପିଣ୍ଟୁ ପଣ୍ଡା ଓ ପଦ୍ମନାଭପୁରର ଶିବରାମ ସେଠୀ। ରାଧାମୋହନଙ୍କଠାରୁ ୨୪ ଦେଶୀ ମଦ ପାଉଚ, ପ୍ରଫୁଲ୍ଲଙ୍କ ଦୋକାନରୁ ୨୬ ମଦ ପାଉଚ ଓ ପିଣ୍ଟୁଙ୍କ ନିକଟରୁ ୨୩ ମଦ ପାଉଚ ଏବଂ ଶିବରାମଙ୍କଠାରୁ ୨୫ ମଦ ପାଉଚ ପୋଲିସ ଜବତ କରିଛି। ଏ ନେଇ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ ନଂ. ୨୮୪/୧୯, ୨୮୫/୧୯, ୨୮୬/୧୯, ୨୮୭/୧୯ରେ ପୋଲିସ ମାମଲା ରୁଜୁ କରିଛି।

## ଚନ୍ଦନଗଛ କାଟି ଜଣେ ଗିରଫ

ଫୁଲବାଣୀ ଅଫିସ, ୨୮।୧୨

ଫୁଲବାଣୀ ସହର ନାରାୟଣୀ ମନ୍ଦିର ପାହାଡ଼ରୁ ଚନ୍ଦନ ଗଛ ଏବଂ ଶାଳ ଗଛ କାଟିବା ଅଭିଯୋଗରେ ବନ ବିଭାଗ ଜଣେ ଯୁବକଙ୍କୁ ଗିରଫ କରିଛି। ତାଙ୍କ ପାଖରୁ ୧୦କେଜିରୁ ଊର୍ଦ୍ଧ୍ୱ ଚନ୍ଦନ କାଠ ଜବତ କରାଯାଇଛି। ଗିରଫ ଯୁବକ ହେଲେ ଟିକାବାଲି ଅଞ୍ଚଳର ବିନୋଦ କହଁର। ମିଳିଥିବା ସୂଚନା ଅନୁଯାୟୀ ବିନୋଦ ଟିକାବାଲିରୁ ଆସି ନାରାୟଣୀ ପାହାଡ଼ସ୍ଥିତ ଜଙ୍ଗଲରେ ଥିବା ଚନ୍ଦନ ଓ ଶାଳ ଗଛଗୁଡ଼ିକ କାଟି ବିକ୍ରି କରିବାକୁ ଯୋଜନା କରିଥିଲା।

## ସମୟସୀମା ମଧ୍ୟରେ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ

ଫୁଲବାଣୀ ଅଫିସ, ୨୮।୧୨

**୫-ଟି ସମୀକ୍ଷା**

କନ୍ଧମାଳ ଜିଲାରେ ୫-ଟି କିପରି ଚାଲିଛି ତାହାର ଏକ ସମୀକ୍ଷା ଶନିବାର ଜିଲାପାଳ କରିଛନ୍ତି। ଜିଲାପାଳ ଡା.ବୃନ୍ଦା ଡି ବିଭିନ୍ନ କାର୍ଯ୍ୟ ଉପରେ ଆଲୋଚନା କରି ନିର୍ଦ୍ଧାରିତ ସମସୟସୀମା ମଧ୍ୟରେ ସାରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଇଟିଡ଼ିଏ ପକ୍ଷରୁ ଜୀବନ ଜୀବିକା କାର୍ଯ୍ୟକ୍ରମରେ କେତେ ହିତାଧିକାରୀ କେଉଁ କାର୍ଯ୍ୟ ପାଇଛନ୍ତି। ଆଗକୁ ସେମାନଙ୍କ ପାଇଁ ଆଉ କ'ଣ ଯୋଜନା ରହିଛି, ସେ ବିଷୟରେ ଜିଲାପାଳ ପଚାରି ବୁଝିଥିଲେ। ଡ଼ିଆଇସି ମାଧ୍ୟମରେ ଯୁବତୀ ଯୁବକମାନଙ୍କୁ ସରଳ ତଥା ସୁବିଧାରେ ଲୋନ ବ୍ୟବସ୍ଥା କରାଯାଉଛି। ସେମାନେ କିପରି ସ୍ୱାବଲମ୍ବୀ ହୋଇପାରିବେ ତାହା ଉପରେ ଧ୍ୟାନ ଦିଆ ଯାଉଛି ବୋଲି ବିଭାଗ ପକ୍ଷରୁ କୁହାଯାଇଥିଲା। ସେହିପରି ଅନ୍ୟାନ୍ୟ ବିଭାଗ ପକ୍ଷରୁ ନିଆଯାଇଥିବା ପଦକ୍ଷପ ଉପରେ ଜିଲାପାଳଙ୍କୁ ଅଧିକାରୀମାନେ ଅବଗତ କରିଥିଲେ।

ସରକାରଙ୍କର ବିଭିନ୍ନ ବିଭାଗ କାର୍ଯ୍ୟରେ ଦଳଗତ ପରିଚାଳନା, ବୈଷୟିକ ବିଦ୍ୟା ପ୍ରୟୋଗ, କାର୍ଯ୍ୟରେ ସ୍ୱଚ୍ଛତା, ସମୟସୀମା ମଧ୍ୟରେ କାର୍ଯ୍ୟ କରି ଯୋଜନାର ସଫଳ ରୂପାୟନ ପାଇଁ ଜିଲାପାଳ ପ୍ରତ୍ୟେକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଲୋକମାନଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଉପଲବ୍ଧ ସମସ୍ତ ଯୋଜନା ବିଷୟରେ ବିବରଣୀ ଜନସାଧାରଣଙ୍କୁ ଅବଗତ କରିବାକୁ ଜିଲାପାଳ ବିଡ଼ିଓ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ